# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼

ନଂ: ୩୦୬୪ / ତାରିଖ ୨୪.୦୨.୨୦୨୬

"ଫର୍ମ –XXII

[ନିୟମ 2(କ) ର ଉପ-ନିୟମ (୫) ଦ୍ରଷ୍ଟବ୍ୟ)

**ସୋହେଲା, ବିଜ୍ଞାପିତ ଅଞ୍ଚଳର ୱାର୍ଡ ଗୁଡିକର ବିଭାଜନ ଓ ଆସନ ସଂରକ୍ଷଣ ଦର୍ଶାଉଥିବା ଅସ୍ଥାୟୀ ଅଧିସୁଚନା**

## ଅଧିସୂଚନା

ଯେହେତୁ, ଓଡ଼ିଶା ପୌର (ୱାର୍ଡ ଗୁଡିକର ସୀମା ନିର୍ଦ୍ଧାରଣ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 1994 ର ଫର୍ମ XXI ରେ **ସୋହେଲା ବିଜ୍ଞାପିତ ଅଞ୍ଚଳ ପରିଷଦର** କ୍ଷେତ୍ରକୁ ୱାର୍ଡରେ ବିଭାଜନ ଓ ତାହାର ଆସନ ସଂରକ୍ଷଣ.ଦର୍ଶାଉଥିବା ଚିଠା ଅଧିସୂଚନା ସଂ. ୨୧୬୧ ତା. ୧୨.୦୨.୨୦୨୬ ପ୍ରକାଶ କରାଯାଇ, ଉକ୍ତ ଚିଠା ଅଧିସୂଚନା ସଂକ୍ରାନ୍ତରେ ଆଗ୍ରହୀ ବ୍ୟକ୍ତିମାନଙ୍କଠାରୁ ଦଶ ଦିନ ଅବଧି ଅବସାନ ହେବା ପୂର୍ବରୁ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା।

ଏବଂ, ଯେହେତୁ, ସେହି ବିନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ମିଳିଥିବା ସମସ୍ତ ଆପତ୍ତି ଓ ପ୍ରସ୍ତାବ ଗୁଡିକୁ ଯଥାବିଧି ବିଚାର କରାଯାଇଛି,

ସୁତରାଂ, ବର୍ତ୍ତମାନ, ଓଡ଼ିଶା ପୌର ଅଧିନିୟମ, 1950 (1950 ର ଓଡ଼ିଶା ଅଧିନିୟମ 23)ର ଧାରା 12 ର ଉପ-ଧାରା (3) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ବରଗଡ଼ ଜିଲ୍ଲା ମାଜିଷ୍ଟ୍ରେଟ **ସୋହେଲା ବିଜ୍ଞାପିତ ଅଞ୍ଚଳ ପରିଷଦକୁ** ପାରିଷଦମାନଙ୍କ ଆଗାମୀ ନିର୍ବାଚନ ଉଦ୍ଦେଶ୍ୟରେ ନିମ୍ନଲିଖିତ **ବିବରଣୀ-I** ର ସ୍ତମ୍ଭ (2) ରେ ବିନିର୍ଦ୍ଦିଷ୍ଟ ହେବା ମତେ **୧୭ (ସତର)** ଗୋଟି ୱାର୍ଡରେ ବିଭାଜନ କରୁଛନ୍ତି । ଉକ୍ତ ୱାର୍ଡ ଗୁଡିକର ବର୍ଣ୍ଣନା ଓ ଚଉହଦି, ଯଥାକ୍ରମେ ତାହାର ସ୍ତମ୍ଭ (3) ଓ (4) ରେ ଦର୍ଶାଯାଇଛି । ଉକ୍ତ ଅଧିନିୟମର ଧାରା 11 ଅନୁଯାୟୀ ଯେଉଁ ଆସନଗୁଡିକ **ସଂରକ୍ଷିତ** ରହିବ ତାହା ନିମ୍ନ **ବିବରଣୀ II** ର ସ୍ତମ୍ଭ (2) ରେ ବିନିର୍ଦ୍ଦିଷ୍ଟ ହେବା ମତେ ସ୍ତମ୍ଭ (3) ରେ ଉକ୍ତ ୱାର୍ଡଗୁଡିକ ପାର୍ଶ୍ୱରେ ଦର୍ଶାଯାଇଥିବା ବର୍ଗ ପାଇଁ ନିରୂପଣ କରାଯିବ ବୋଲି ନିର୍ଦ୍ଧାରଣ କରୁଛନ୍ତି ।

ନିୟମ 2 କ ର ଉପ ନିୟମ (4) ଅନୁଯାୟୀ ଜିଲ୍ଲାପାଳ ଦେଇଥିବା ଆଦେଶ ଦ୍ୱାରା କୌଣସି ବ୍ୟକ୍ତି କ୍ଷୁବ୍ଧ ହେଲେ ସେ, ଧାରା 12 ର ଉପ-ଧାରା (3) ର ଦ୍ୱିତୀୟ ପରନ୍ତୁକ ଅନୁଯାୟୀ ରାଜ୍ୟ ସରକାରଙ୍କ ସପକ୍ଷରେ ଏକ ଅପିଲ ଦାଏର କରିପାରିବେ ।

ଜିଲ୍ଲା ମାଜିଷ୍ଟ୍ରେଟ, ବରଗଡ଼

# ବିବରଣୀ - I

| କ୍ରମିକ ସଂଖ୍ୟା | ୱାର୍ଡ ସଂଖ୍ୟା | ୱାର୍ଡ ଗୁଡିକର ବର୍ଣନା | ୱାର୍ଡ ଗୁଡିକର ଚଉହଦି |
|---|---|---|---|
| ୧ | ୧ | ଭୋଇ ଟିକ୍ରା,ଗଡତୀୟା ଟିକ୍ରା,<br>ଚନ୍ଦ୍ର ଟିକ୍ରା, | ଉତ୍ତର- ଗ୍ରୀନଜୋନରୋଡ଼<br>ଦକ୍ଷିଣ- ଜାତୀୟ ରାଜପଥ -୫୩<br>ପୂର୍ବ- ଉପର ପଡା<br>ପଶ୍ଚିମ- ପଞ୍ଚାୟତ ସମିତ କାର୍ଯ୍ୟାଳୟ, ସୋହେଲା |
| ୨ | ୨ | ସଚ୍ଚିଦାନନ୍ଦ ବିହାର,<br>ସାହୁ ଟିକ୍ରା(ଅଂଶ),<br>ମାରବାଡି ପଡା, ପଠାନ ପଡା,<br>ଘଷିଆ ପଡା | ଉତ୍ତର - ଜାତୀୟ ରାଜପଥ -୫୩<br>ଦକ୍ଷିଣ- ବଞ୍ଜାରୀ ରୋଡ଼<br>ପୂର୍ବ- ମସଜିଦ<br>ପଶ୍ଚିମ- ପଞ୍ଚାୟତ ସମିତ କାର୍ଯ୍ୟାଳୟ, ସୋହେଲା |
| ୩ | ୩ | ଉପରପଡା, ପୁରୁଣା ବଜାର,<br>ବାଞ୍ଜିପଡ଼ା, କୁମ୍ଭାର ପଡା | ଉତ୍ତର- ମହାଦେବ ମନ୍ଦିର<br>ଦକ୍ଷିଣ- ଜାତୀୟ ରାଜପଥ -୫୩<br>ପୂର୍ବ- ଜଗନ୍ନାଥ ମନ୍ଦିର<br>ପଶ୍ଚିମ- ଚନ୍ଦ୍ର ଟିକ୍ରା |
| ୪ | ୪ | ସାହୁ ଟିକ୍ରା,<br>ଲମ୍ବୁରୁପାଲି ଛକ ପଡା, | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ- ମାଝୀ ପଡା<br>ପୂର୍ବ- ବଞ୍ଜାରୀ ଛକ-ସୋହେଲା<br>ପଶ୍ଚିମ- ବଞ୍ଜାରୀ ରୋଡ଼, ବଞ୍ଜାରୀ |
| ୫ | ୫ | ମହାଦେବ ମନ୍ଦିର, ବାଙ୍କ ପଡା<br>ବ୍ରାହ୍ମଣ ପଡା, ଦେବତା କଲୋନୀ,<br>କୁଳତା ପଡା(ଅଂଶ) | ଉତ୍ତର- ପୁର୍ନି ବନ୍ଧ<br>ଦକ୍ଷିଣ- ଜାତୀୟ ରାଜପଥ -୫୩<br>ପୂର୍ବ- ମାଷ୍ଟର ପଡା<br>ପଶ୍ଚିମ- ବାଞ୍ଜି ପଡା |
| ୬ | ୬ | ଲମ୍ବୁରୁପାଲି ଛକ ପଡା,<br>ମାଝୀ ପଡା,<br>ତହସିଲ କଲୋନୀ,<br>ରାଧାକୃଷ୍ଣ ମନ୍ଦିର ପଡା, | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ- ଲମ୍ବୁରୁପାଲି ରୋଡ଼<br>ପୂର୍ବ- ବିଜୁ ଏକ୍ସପ୍ରେସ ୱେ<br>ପଶ୍ଚିମ- ବଞ୍ଜାରୀ ରୋଡ଼ |
| ୭ | ୭ | କୁଳତା ପଡା(ଅଂଶ),<br>ମାଷ୍ଟର ପଡା, ଡଙ୍ଗା ଘାଟ | ଉତ୍ତର- ପୁର୍ନି ବନ୍ଧ<br>ଦକ୍ଷିଣ- ଜାତୀୟ ରାଜପଥ -୫୩<br>ପୂର୍ବ- ପିପିଲିପାଲି ରୋଡ଼<br>ପଶ୍ଚିମ- ଜଗନ୍ନାଥ ମନ୍ଦିର |
| ୮ | ୮ | ଡିପାପଡା(ଅଂଶ),<br>ମାରବାଡି ପଡା, ଚମାର ପଡା,<br>କୁମ୍ଭାର ବନ୍ଧ ପଡା | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ- ଧୂସରବାହାଲ ରୋଡ଼<br>ପୂର୍ବ- ପୋଷ୍ଟ ଅଫିସ<br>ପଶ୍ଚିମ- ବିଜୁ ଏକ୍ସପ୍ରେସ ୱେ |
| ୯ | ୯ | ଗୋଶାଳା, ପାତିକାର ପଡା,<br>ବେହେରା ପଡା,<br>ପୋଷ୍ଟ ଅଫିସ ଏରିଆ,<br>ପ୍ରେମ ନିକେତନ, ମାଧବ ନଗର | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ- ସୋହେଲା ପବ୍ଲିକ ସ୍କୁଲ, ସୋହେଲା<br>ପୂର୍ବ- ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ , ସୋହେଲା<br>ପଶ୍ଚିମ- ସୋହେଲା ଥାନା |

[signature]

| | | | |
|---|---|---|---|
| ୧୦ | ୧୦ | ପିପିଲିପାଲି ଗ୍ରାମ | ଉତ୍ତର -ସରକାରୀ ପ୍ରାଥମିକ ବିଦ୍ୟାଳୟ ରୋଡ଼<br>ଦକ୍ଷିଣ- ଜାତୀୟ ରାଜପଥ -୫୩<br>ପୂର୍ବ- ଶିବ ମନ୍ଦିର<br>ପଶ୍ଚିମ- ସରକାରୀ ପ୍ରାଥମିକ ବିଦ୍ୟାଳୟ, ପିପିଲିପାଲି |
| ୧୧ | ୧୧ | ସହରା ପଡା, ଗୌର ପଡା,<br>ଗଣ୍ଡା ପଡା | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ-ଗଣ୍ଡା ପଡା<br>ପୂର୍ବ-ତ୍ରିଶୂଳ ବନ୍ଧ<br>ପଶ୍ଚିମ-ସୋହେଲା ବାଳକ ଉଚ୍ଚ ବିଦ୍ୟାଳୟ |
| ୧୨ | ୧୨ | ଭୁଲିଆ ପଡା, କୁଳତା ପଡା,<br>ବୈଶାଖ ଟିକ୍ରା | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ-ବୈଶାଖ ଟିକ୍ରା<br>ପୂର୍ବ- ତ୍ରିଶୂଳ ବନ୍ଧ<br>ପଶ୍ଚିମ- ଜଗନ୍ନାଥ ମନ୍ଦିର |
| ୧୩ | ୧୩ | ତିୟର ପଡା , ଝରିଆପଡା,<br>କୁମ୍ଭାର ପଡା, ମାଲପଡା,<br>ବରଗଡିଆ ପଡା, ଗହଟିଆପଡା,<br>ଚିତ ଟିକ୍ରା, ଉପର ପଡା | ଉତ୍ତର-ଚିତ ଟିକ୍ରା ର ଶେଷ ଭାଗ<br>ଦକ୍ଷିଣ-ରାଧାକୃଷ୍ଣ ମନ୍ଦିର<br>ପୂର୍ବ-ଶିବ ମନ୍ଦିର<br>ପଶ୍ଚିମ-ସୋହେଲା ରୋଡ଼ |
| ୧୪ | ୧୪ | ସହରା ପଡା, ବନତଲିଆ ପଡା,<br>ଗିଙ୍ଗରା ପଡା, | ଉତ୍ତର-ଶିବ ମନ୍ଦିର<br>ଦକ୍ଷିଣ-କୀର୍ତନ ମଣ୍ଡଳୀ<br>ପୂର୍ବ-ଜୁହ୍ନା କଟା<br>ପଶ୍ଚିମ-ରାଧାକୃଷ୍ଣ ମନ୍ଦିର |
| ୧୫ | ୧୫ | କାଣ୍ଡ ପଡା, ଗଣ୍ଡା ପଡା,<br>ବାଉସେନମୁରା ରୋଡ଼ ବସ୍ତି,<br>କେନ୍ଦବାହାଲ ରୋଡ଼ ବସ୍ତି,<br>ଇଛାପାଲି ରୋଡ଼ ବସ୍ତି,<br>ସୋହେଲା ରୋଡ଼ ବସ୍ତି | ଉତ୍ତର-ସୋହେଲା ରୋଡ଼<br>ଦକ୍ଷିଣ- କେନ୍ଦବାହାଲ ରୋଡ଼<br>ପୂର୍ବ- ବାଉସେନମୁରା ରୋଡ଼<br>ପଶ୍ଚିମ-ନୂଆ କଟା |
| ୧୬ | ୧୬ | କଟକିଆପଡା , କେଉଟପଡା,<br>ଭୁଏପଡା, ଭୋଇପଡା ,<br>ଗହଟିଆପଡା | ଉତ୍ତର- ଜାତୀୟ ରାଜପଥ -୫୩<br>ଦକ୍ଷିଣ- ଧୂସରବାହାଲ<br>ପୂର୍ବ- ଧୂସରବାହାଲ ରୋଡ଼<br>ପଶ୍ଚିମ-ସରକାରୀ ପ୍ରାଥମିକ ବିଦ୍ୟାଳୟ ଇଚ୍ଛାପାଲି |
| ୧୭ | ୧୭ | ଗଣ୍ଡା ପଡା, ସମଲେଇଗୁଡିପଡା,<br>କାଳୁପଡା | ଉତ୍ତର- ବିଜୁ ଏକ୍ସପ୍ରେସ ୱେ<br>ଦକ୍ଷିଣ- ଧୂସରବାହାଲ<br>ପୂର୍ବ-ଢିପାପଡା<br>ପଶ୍ଚିମ- ହନୁମାନ ଗୁଡ଼ି |

[signature]

ଜିଲ୍ଲା ମାଜିଷ୍ଟ୍ରେଟ, ବରଗଡ଼

## ବିବରଣୀ - II

| କ୍ରମିକ ସଂଖ୍ୟା | ନିର୍ଦ୍ଧାରିତ ୱାର୍ଡଗୁଡିକର | ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଅନୁସୂଚୀତ ଜାତି ମହିଳା, ଅନୁସୂଚୀତ ଜନଜାତି ମହିଳା, ପଛୁଆବର୍ଗ ଓ ସେମାନଙ୍କ ମହିଳା ଏବଂ ଅନ୍ୟାନ୍ୟ ମହିଳାଙ୍କ ନିମନ୍ତେ ନିରୂପଣ। |
|---|---|---|
| ୧ | ୱାର୍ଡନଂ ୧ | ଅଣ ସଂରକ୍ଷିତ (ମହିଳା ) |
| ୨ | ୱାର୍ଡନଂ ୨ | ଅଣ ସଂରକ୍ଷିତ |
| ୩ | ୱାର୍ଡନଂ ୩ | ଅନୁସୂଚୀତ ଜନଜାତି (ମହିଳା ) |
| ୪ | ୱାର୍ଡନଂ ୪ | ଅଣ ସଂରକ୍ଷିତ |
| ୫ | ୱାର୍ଡନଂ ୫ | ଅଣ ସଂରକ୍ଷିତ |
| ୬ | ୱାର୍ଡନଂ ୬ | ଅଣ ସଂରକ୍ଷିତ (ମହିଳା ) |
| ୭ | ୱାର୍ଡନଂ ୭ | ଅଣ ସଂରକ୍ଷିତ |
| ୮ | ୱାର୍ଡନଂ ୮ | ଅନୁସୂଚୀତ ଜାତି (ମହିଳା ) |
| ୯ | ୱାର୍ଡନଂ ୯ | ଅଣ ସଂରକ୍ଷିତ (ମହିଳା) |
| ୧୦ | ୱାର୍ଡନଂ ୧୦ | ଅଣ ସଂରକ୍ଷିତ (ମହିଳା) |
| ୧୧ | ୱାର୍ଡନଂ ୧୧ | ଅଣ ସଂରକ୍ଷିତ (ମହିଳା) |
| ୧୨ | ୱାର୍ଡନଂ ୧୨ | ଅଣ ସଂରକ୍ଷିତ |
| ୧୩ | ୱାର୍ଡନଂ ୧୩ | ଅଣ ସଂରକ୍ଷିତ (ମହିଳା) |
| ୧୪ | ୱାର୍ଡନଂ ୧୪ | ଅନୁସୂଚୀତ ଜନଜାତି |
| ୧୫ | ୱାର୍ଡନଂ ୧୫ | ଅନୁସୂଚୀତ ଜାତି (ମହିଳା ) |
| ୧୬ | ୱାର୍ଡନଂ ୧୬ | ଅଣ ସଂରକ୍ଷିତ |
| ୧୭ | ୱାର୍ଡନଂ ୧୭ | ଅନୁସୂଚୀତ ଜାତି |

ଜ୍ଞାପକ ସଂଖ୍ୟା ୩୦୫୫ / ତାରିଖ ୨୪.୦୨.୨୦୨୫

ଏହାର ଏକକିତା ନକଲ ବରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ପ୍ରକଳ୍ପ ନିର୍ଦ୍ଦେଶକ,DUDA, ବରଗଡ଼/ଉପ ଜିଲ୍ଲାପାଳ, ପଦ୍ମପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋହେଲା/ ତହସିଲଦାର, ସୋହେଲା/ କାର୍ଯ୍ୟନିର୍ବାହୀ ଅଧିକାରୀ,ସୋହେଲା ବିଜ୍ଞାପିତ ଅଞ୍ଚଳ,ସାଧାରଣ ଜନତାଙ୍କ ଅବଗତି ପାଇଁ ନୋଟିସ ବୋର୍ଡରେ ଲଗାଇବାକୁ ନିର୍ଦ୍ଦେଶ ଦିଆଗଲା ।

[signature]

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ
ବରଗଡ଼

ଜ୍ଞାପକ ସଂଖ୍ୟା ୩୦୫୭ / ତାରିଖ ୨୪.୦୨.୨୦୨୫

ଏହାର ଏକକିତା ନକଲ DeGM, ବରଗଡ଼ଙ୍କୁ ଜିଲ୍ଲା ୱେବସାଇଟରେ ଅପଲୋଡ୍ କରିବା ପାଇଁ ଅନୁରୋଧ କରାଗଲା ।

[signature]

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ
ବରଗଡ଼

ଜ୍ଞାପକ ସଂଖ୍ୟା ୩୦୫୮ / ତାରିଖ ୨୪.୦୨.୨୦୨୫

ଏହାର ଏକକିତା ନକଲ ସଚିବ, ରାଜ୍ୟ ନିର୍ବାଚନ ଆୟୋଗ, ଓଡିଶା/ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

[signature]

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ
ବରଗଡ଼